ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ସୋଲୋ କଳାକୃତି କର୍ମଶାଳା

ଭୁବନେଶ୍ୱର, ୦୧/୦୯/୨୦୧୯

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା କଳାଭୂମି–ଓଡ଼ିଶା ହସ୍ତତନ୍ତ ସଂଗ୍ରହାଳୟ ସ୍ଥାପନ କରାଯାଇଛି । ଗଣ୍ଡମୁଣ୍ଡାଠାରେ ପ୍ରତିଷ୍ଠା କରାଯାଇଥିବା ଏହି 'କଳାଭୂମି'ରେ ଆଜି ସୋଲୋ କଳାକୃତି କର୍ମଶାଳାର ଆୟୋଜନ କରାଯାଇଥିଲା ।

ରବିବାର ଦିବା ୧୧ଟାରୁ ମଧ୍ୟାହ୍ନ ୧.୩୦ ପର୍ଯ୍ୟନ୍ତ ଆୟୋଜିତ କର୍ମଶାଳାରେ ବହୁ ବର୍ଗର ପର୍ଯ୍ୟଟକ, ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ପ୍ରାୟ ୨୦ ଜଣ ଅଂଶଗ୍ରହଣ କରିଥିଲେ । ପ୍ରଥମେ ଛୁରୀ ସାହାଯ୍ୟରେ ସୋଲ କାଣ୍ଡରୁ ଚୋପା ଛଡ଼ାଇ ଥିଲେ । ତା'ପରେ ତାକୁ ସରୁ ସରୁ ଆକାରରେ କାଟି ପାତିଆ ପ୍ରସ୍ତୁତ କରିଥିଲେ । ସେଗୁଡ଼ିକୁ ଆବଶ୍ୟକ ଅନୁଯାୟୀ ଅଠାରେ ଲଗାଇ ଗଣେଶ ପ୍ରସ୍ତୁତ କରି ଆନନ୍ଦିତ ହୋଇଥିଲେ । ସୋଲୋକଳାରେ ପ୍ରତିଷ୍ଠା ଅର୍ଜନ କରିଥିବା ପୁରୀର ରବି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଶେଷରେ ଯୋଗଦେଇଥିବା ପର୍ଯ୍ୟଟକ ନିଜେ ପ୍ରସ୍ତୁତ କରିଥିବା ସୋଲା କଳାକୃତିକୁ ସ୍ମାରକୀ ଆକାରରେ ନିଜ ସାଙ୍ଗରେ ଘରକୁ ନେଇଥିଲେ ।

ଡ. ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ